# Akashvani, Sambalpur

## SAMBALPURI NEWS EVENING BULLETIN

**23 November 2024- 7.02 pm- 7.12 pm.**

**********************************************

୧- ମହାରାଷ୍ଟ୍ର ବିଧାନ୍‌ସଭା ନିର୍ବାଚନ୍‌ଥି ବିଜେପି ନେତୃତ୍ୱାଧୀନ ମହାୟୁତି ମେଂଟ ୨ ଶହ ୨୭ ଟା ଆସନ୍‌ଥି ବିଜୟୀ ।

- ଝାଡ଼ଖଣ୍ଡ୍ ନ ଜେଏମଏମ୍ ନେତୃତ୍ୱାଧୀନ ଇଣ୍ଡି ମେଂଟକେ ମିଲ୍‌ଲା ୫୭ ଟା ଆସନ୍ ।

୨- ରାଜ୍ୟ କେବିନେଟ୍ ବୈଠକ୍‌ଥି ୨ ଟା ପ୍ରସ୍ତାବ୍‌କେ ମିଲ୍‌ଲା ମଞ୍ଜୁରୀ ।

- ଶିକ୍ଷକ୍ ନିଯୁକ୍ତି ପ୍ରକ୍ରିୟାକେ ସରଳ୍ କର୍‌ବାର୍ ଲାଗି ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ୍ ସଂଶୋଧନ୍‌କେ ମିଲଲା ଅନୁମୋଦନ୍ ।

୩- ସୁଭଦ୍ରା ଯୋଜ୍‌ନାର୍ ହିତାଧିକାରୀମାନ୍‌କୁ ଆଏବା କାଏଲ୍ ଦିଆଯିବା ପହେଲା କିସ୍ତର୍ ୩ ନମ୍ବର୍ ଖେପ୍ ଟଙ୍କା ।

ଆଉର୍

୪- ଆକାଶ୍‌ବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମ୍‌ଥି ଆଏବା କାଏଲ୍ ଦେଶ୍‌ବାସୀଙ୍କର୍ ସାଙ୍ଗେ ଭାବ ବିନିମୟ କର୍‌ବେ ପ୍ରଧାନ୍‌ମନ୍ତ୍ରୀ ।

ନିର୍ବାଚନ ଫଲାଫଲ୍ ଆର୍‌ଏନ୍‌ୟୁ/ କଟକ୍

ମହାରାଷ୍ଟ୍ର ବିଧାନ୍‌ସଭା ନିର୍ବାଚନ୍‌ଥି ବିଜେପି ନେତୃତ୍ୱାଧୀନ୍ ମହାୟୁତି ମେଂଟ ୨ ଶହ ୮୮ ଟା ଆସନ୍ ଭିତ୍‌ରୁ ୨ ଶହ ୨୭ ଟା ଆସନ୍‌ଥି ବିଜୟ ଲାଭ୍ କରିଛେ । ଭାରତୀୟ ଜନତା ପାର୍ଟି ଏକ୍‌ଲା ଶହେ ୩୩ ଟା ଆସନ୍‌ଥି ବିଜୟ କି ଆଗୁଆ ରହିଛେ । ସେନ୍ତା ଶିବ୍‌ସେନା ୫୪ ଟା ଥି, ଏନ୍‌ସିପି ୪୧ ଟା ଆସନ୍‌ଥି ବିଜୟୀ ହେଇଛେ । ସେଆଡ଼େ ଝାର୍‌ଖଣ୍ଡ ନ ଜେଏମଏମ୍ ନେତୃତ୍ୱାଧୀନ ଇଣ୍ଡି ମେଂଟ ଜିତ୍ ଆଡ଼କେ ଆଗଉଛେ । ଝାର୍‌ଖଣ୍ଡ୍‌ର ମୋଟ୍ ୮୧ ଟା ଆସନ୍ ଭିତ୍‌ରୁ ଜେଏମ୍‌ଏମ୍ ୩୪ ଟାଥି ଆଉ କଂଗ୍ରେସ୍ ୧୬ ଟା ଆସନ୍ ନ ବିଜୟ ଲାଭ କରିଛନ୍ । ଆର୍‌ଜେଡି ଭିଲ୍ ୪ ଟା ଆସନ୍‌ଥି ବିଜୟୀ ହେଇଛେ । ସେଆଡ଼େ ବିଜେପି ୨୧ ଟା ଆସନ୍‌ଥି ଜିତିଥିବାର୍ ବେଲେ ଏଜେଏସ୍‌ୟୁ କେ ଗୁଟେ ଆସନ୍ ମିଲିଛେ ।

କେବିନେଟ୍ ବୈଠକ　　ପ୍ରେସ୍ ରିଲିଜ୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ଯକ୍ଷତାଥି ଆଏଜ୍ କେବିନେଟ୍ ବୈଠକ୍ ହେଇଯାଇଛେ । ଇ ବୈଠକ୍‌ଥି ୨ ଟା ପ୍ରସ୍ତାବ୍‌କେ ଅନୁମୋଦନ୍ ମିଲିଛେ । ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜା ଇ ବାବ୍‌ଦେ ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇକରି କହିଛନ୍ ଯେ, ଓଡ଼ିଶା ବିଶ୍ୱବିଦ୍ୟାଲୟ ଅଧିନିୟମ୍-୧୯୮୯ ର ସଂଶୋଧନ୍ ପ୍ରସ୍ତାବ୍‌କେ କେବିନେଟ୍ ମଞ୍ଜୁରୀ ମିଲିଛେ । ଓଡ଼ିଶା ନ ଉଚ୍ଚଶିକ୍ଷା ବ୍ୟବସ୍ଥାକେ ବର୍‌କସ୍ କର୍‌ବାର୍ ଲାଗି ଇ ପଦକ୍ଷେପ୍ ନିଆଯାଇଛେ । ରାଜ୍ୟ ସର୍‌କାର୍ ଇ ଆଇନ୍‌ଥି ସଂଶୋଧନ୍ କରିକରି ବିଶ୍ୱବିଦ୍ୟାଲୟମାନ୍‌କେ ଏକାଡେମିକ୍ ଉତ୍କର୍ଷ ଗୁଣାତ୍ମକ ଗବେଷଣା ଆଉ ଅଏତ୍‌କାନୁ ଅଏତ୍‌କା ଛାତ୍ରଛାତ୍ରୀ କେନ୍ତା ଉଚ୍ଚଶିକ୍ଷା ପାଏବେ ତାର୍ ଉପ୍‌ରେ ଜୋର୍ ଦେଇଛନ୍ । ସେନ୍ତା ଶିକ୍ଷକ୍ ନିଯୁକ୍ତି ପ୍ରକ୍ରିୟାକେ ସରଲ୍ କର୍‌ବାର୍ ଲାଗି ଲକ୍ଷ୍ୟ ରଖାଯାଇଛେ । ଇତାର୍‌ଛଡ଼ା ଶିଳ୍ପନୀତି -୨୦୧୫ ର ୨ ଟା ସଂଶୋଧନ୍‌କେ ରାଜ୍ୟ କେବିନେଟ୍‌ର ମଞ୍ଜୁରୀ ମିଲିଛେ । ଇଥି ଯୋଗ୍ୟ ନିବେଶକମାନେ ପ୍ରୋତ୍ସାହନ୍ ଲାଗି ସେମାନ୍‌କର୍ ଦାବି ଠିକ୍ ସମିଆଥି ଉପସ୍ଥାପନ୍ କରିପାର୍‌ବେ । ଯେନ୍‌ଟାକି ପ୍ରୋତ୍ସାହନ୍‌କେ ସୁପରିଚାଲନା କର୍‌ବାର୍ ଲାଗି ସାହାଜ୍ କର୍‌ବା ।

ଡକ୍ଟର୍ ମହତାବ୍-ମୁଖ୍ୟମନ୍ତ୍ରୀ ପ୍ରେସ୍ ରିଲିଜ୍

ଉତ୍କଳ କେଶରୀ ଡକ୍ଟର୍ ହରେକୃଷ୍ଣ ମହତାବ୍ ଥିଲେ ଆଧୁନିକ ଓଡ଼ିଶାର୍ ନିର୍ମାଣ୍ରର ବିଶ୍ୱକର୍ମା । ତାଙ୍କର୍ ବିନା ଆଧୁନିକ୍ ଓଡ଼ିଶାର୍ କଳ୍ପନା ନାଇଁ କରାଯାଇପାରେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଆଏଜ୍ ଭୁବ୍ନେଶ୍ୱର୍ ଠାନେ ଡକ୍ଟର୍ ହରେକୃଷ୍ଣ ମହତାବ୍ଙ୍କର୍ ଶହେ ୨୫ ନମ୍ବର୍ ଜନ୍ମବାର୍ଷିକୀ ସ୍ମରଣ ଉତ୍ସବ୍ଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ସ୍ୱାଧୀନତା ସଂଗ୍ରାମ୍ନୁ ମୁଲ୍ କରିକରି ଓଡ଼ିଶାନ ରାଜନୈତିକ୍ ଆଉ ସାମାଜିକ ଉତ୍ଥାନ୍ କ୍ଷେତ୍ରଥି ମହତାବ୍ଙ୍କର୍ ଅବଦାନ୍ର ତୁଲନା ନାଇଁନ । ସେ କହିଛନ୍ ଯେ, ମହତାବ୍ଙ୍କର୍ ସ୍ମୃତିକେ ଓଡ଼ିଶାର୍ ଲୋକ୍ମାନ୍କର୍ ଭିତ୍ରେ ଉଜ୍ଜିବିତ କରି ରଖିବାର୍ ସହେତେ ଜାତୀୟସ୍ତର୍ ନ ଅଏତ୍କା ପ୍ରତିଷ୍ଠିତ୍ କର୍ବାର୍ ଲାଗି ତାଙ୍କର୍ ଜୀବନୀ ଉପ୍ରେ ବାୟୋପିକ୍ କରାଯିବା । ତାଙ୍କର୍ ଜନମ୍ ଜାଗା ଭଦ୍ରକ୍ ଜିଲ୍ଲାର୍ ଅଗର୍ପଡ଼ା ଠାନେ ଗୁଟେ ସ୍ମୃତି ସଂଗ୍ରହାଳୟ ପ୍ରତିଷ୍ଠା ସହେତେ ପ୍ରତିମୂର୍ତି ଥାପ୍ନା କରାଯିବା ।

ଅକ୍ଷୟଶକ୍ତି ରାଉଣ୍ଡ ଟେବୁଲ୍ ବୈଠକ ପ୍ରେସ୍ ରିଲିଜ୍

ନୂଆଦିଲ୍ଲୀ ନ ଗଲାକାଏଲ୍ ଅକ୍ଷୟଶକ୍ତି ରାଉଣ୍ଡ ଟେବୁଲ୍ ବୈଠକ ହେଇଯାଇଛେ । ବୈଠକ୍‌ଥି ଉପମୁଖ୍ୟମନ୍ତ୍ରୀ ଆଉ ଶକ୍ତିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଅଧକ୍ଷତା କରିକରି ଡି-କାର୍ବୋନାଇଜେସନ୍ ଆର୍ ଜଲ୍‌ବାୟୁ ଅନୁକୂଳ ଲକ୍ଷ୍ୟ ହାସଲ୍‌ଥି ଓଡ଼ିଶାର୍ ଭୂମିକା ଉପ୍‌ରେ ଆଲୋଚନା କରିଥିଲେ । ଅକ୍ଷୟଶକ୍ତି ଉତ୍ପାଦନ୍ ଲକ୍ଷ୍ୟ ପୂରଣ୍ ଲାଗି ଓଡ଼ିଶା ଶହେ ୪୦ ଗିଗାୱାଟ୍‌ର ସୌର ଆଉ ଗ୍ରୀଡ୍ ହାଇଡ୍ରୋଜେନ୍ ନୁ ତିଆରି ଅକ୍ଷୟ ଶକ୍ତି ଉତ୍ପାଦନ୍ କର୍‌ବାର୍ ଲାଗି ପ୍ରତିଶ୍ରୁତିବଦ୍ଧ ବଲି ଉପମୁଖ୍ୟମନ୍ତ୍ରୀ କହିଥିଲେ । ସେ କହିଥିଲେ ଯେ, ରାଜ୍ୟର୍ ଅକ୍ଷୟଶକ୍ତି ନୀତିକେ ସମୀକ୍ଷା କରିକରି ଇତାକେ ଆହୁରି ବର୍‌କସ୍, ପୁଞ୍ଜିନିବେଶ୍ ଅନୁକୂଳ ଆର୍ ଗ୍ରାହକ୍‌ମାନ୍‌କର୍ ସ୍ୱାର୍ଥକେ ଅଗ୍ରାଧିକାର୍ ଦେଇକରି କରାଯାଇପାର୍‌ବା । ଓଡ଼ିଶାନୁ ଅକ୍ଷୟଶକ୍ତି କ୍ଷେତ୍ର ନ ପୁଞ୍ଜିବିନିଯୋଗ୍ ଲାଗି ନିବେଶକ୍‌ମାନ୍‌କୁ ସେ ପରାମର୍ଶ ଦେଇଥିଲେ ।

ରାଜସ୍ୱ ମନ୍ତ୍ରୀଙ୍କ ବୈଠକ୍ ସମ୍ବଲପୁର୍ ସମ୍ବାଦଦାତା

ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସମ୍ବଲ୍‌ପୁର୍ ଠାନେ ଖରିଫ୍ ଧାନ୍ ଘିନା ବାବ୍‌ଦେ ଜିଲ୍ଲାପାଳ୍ ଆଉ ଜିଲ୍ଲା ଯୋଗାଣ ବିଭାଗ୍ ଅଧିକାରୀମାନ୍‌କର୍ ସାଙ୍ଗେ ବୈଠକ୍ କରିକରି ସମୀକ୍ଷା କରିଛନ୍ ।

(ଭଏସ୍ ଓଭର୍- ସୁରେଶ୍ ପୂଜାରୀ)

ସମ୍ବଲପୁର ଠାନେ ସମୀକ୍ଷା ବୈଠକ୍ ଉତ୍ରୁ ମନ୍ତ୍ରୀ ଶ୍ରୀ ପୂଜାରୀ ବରେଇପାଲି ମଣ୍ଡି ବୁଲିକରି ଦେଖିବାର୍ ସହେତେ ଧାନ୍ ବିକ୍ବାର୍ ଲାଗି ମଣ୍ଡି ନ ହେଇଥିବା ବ୍ୟବସ୍ଥାର୍ ଅନୁଧ୍ୟାନ୍ କରିଥିଲେ । ଇନ ଜନେଇ ଦିଆଯାଇପାରେ ଯେ, ଜିଲ୍ଲା ନ ଗଲାକାଏଲ୍ନୁ ଧାନ୍ ଘିନା ମୁଲ୍ ହେଇଛେ ।

ଉପମୁଖ୍ୟମନ୍ତ୍ରୀ- ସୁଭଦ୍ରା ଆର୍ଏନ୍ୟୁ/ କଟକ୍

ରାଜ୍ୟ ସର୍କାର୍ ଆଏବା କାଏଲ୍ ସୁଭଦ୍ରା ଯୋଜ୍ନାର୍ ପହେଲା କିସ୍ତିର୍ ୩ ନମ୍ବର୍ ଖେପ୍ ମହିଳା ହିତାଧିକାରୀ ମାନ୍କୁ ବାଂଟ୍ବେ । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଗଣମାଧ୍ୟମ୍କେ ସୂଚ୍ନା ଦେଇକରି କହିଛନ୍ ଯେ, ସୁଭଦ୍ରା ଯୋଜ୍ନାନୁ ବାଦ୍ ପଡ଼ିଥିବା ୨୨ ପ୍ରତିଶତ୍ ହିତାଧିକାରୀମାନ୍କୁ ଆଏବା କାଏଲ୍ ସୁଭଦ୍ରା ଟଙ୍କା ଦିଆଯିବା । ଯୋଜ୍ନାନୁ ବାଦ୍ ପଡ଼ିଥିବା ୨ ଲାଖ୍ ୬୭ ହଜାର୍ ହିତାଧିକାରୀଙ୍କର୍ ଆବେଦନ୍କେ ଫେର୍ଘାଏ ଯାଂଚ୍ କରାଯାଇକରି ଯୋଜ୍ନାର୍ ଟଙ୍କା ଦେବାର୍ ଲାଗି ସର୍କାର୍ ନିଷ୍ପତି ନେଇଛନ୍ ।

ମନ୍ କି ବାତ୍        ଆର୍ଏନ୍ୟୁ/ କଟକ୍

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍କର୍ ସାଙ୍ଗେ ବିଚାର୍ ବିନିମୟ କର୍ବେ । ଇଟା ତାଙ୍କର୍ ଶହେ ୧୬ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍ବାଣୀ ଆଉ ଦୂର୍ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍ଥି ପ୍ରସାରଣ୍ କରାଯିବା । ଆକାଶ୍ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଲୟର ୟୁ-ଟ୍ୟୁବ୍ ଚେନାଲ୍ଥି ଭିଲ୍ ପ୍ରସାରଣ୍ କରାଯିବା । ପ୍ରଧାନ୍ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ଆଏବା କାଏଲ୍ ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍ର ଫେର୍ଘାଏ ପ୍ରସାରଣ୍ କରାଯିବା ।

ପିଏମ୍ କ୍ୱିଜ୍        ଆର୍ଏନ୍ୟୁ/ କଟକ୍

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ 'ଭାରତ୍କୁ ଜାଣନ୍ତୁ' କ୍ୱିଜ୍ ପ୍ରତିଯୋଗିତାଥି ଭାଗ୍ ନେବାର୍କେ ପ୍ରବାସୀ ଭାରତୀୟ

ଆଉ ଅଲ୍‌ଗା ଦେଶର୍ ନାଗରିକ୍ ମାନ୍‌କୁ ଆହ୍ୱାନ୍ ଦେଇଛନ୍ । ସାମାଜିକ୍ ଗଣମାଧ୍ୟମ୍ ପୋଷ୍ଟ୍‌ଥି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ଯେ, ଇ କ୍ୱିଜ୍ ପ୍ରତିଯୋଗିତା ବିଶ୍ୱବ୍ୟାପୀ ଭାରତୀୟମାନ୍‌କର୍ ଭିତ୍‌ରେ ସମ୍ପର୍କକେ ବର୍‌କସ୍ କର୍‌ବା । ଦେଶର୍ ସମୃଦ୍ଧ ଐତିହ୍ୟ ଆଉ ସଂସ୍କୃତିକେ ଫେର୍ ଆବିଷ୍କାର୍ କର୍‌ବାର୍ ଇଟା ଗୁଟେ ଭଲ୍ ମାଧ୍ୟମ୍ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ । ପ୍ରତିଯୋଗିତାର୍ ବିଜେତା ଭାରତ୍‌ର ବୈଭବ ନେଇକରି ବଢ଼ିଆଁ ଅନୁଭୂତି ହାସଲ୍ କର୍‌ବାର୍ ସୁଯୋଗ୍ ପାଏବେ ବଲି ପ୍ରଧାନ୍‌ମନ୍ତ୍ରୀ ସୂଚ୍‌ନା ଦେଇଛନ୍ ।

## ମଣ୍ଡି ଜମି ଚିହ୍ନଟ୍ ପ୍ରକ୍ରିୟା-ବୈଠକ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ସମବାୟ ସମିତି ତର୍‌ଫୁ ମଣ୍ଡି ଲାଗି ଜମି ଚିହ୍ନଟ୍ ପ୍ରକ୍ରିୟା ବାବ୍‌ଦେ ଗୁଟେ ବୈଠକ୍ ହେଇଯାଇଛେ । ସମିତିର୍ ସଭାପତି ଗୋପୀନାଥ ରାଉତ୍‌ରାୟଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ସର୍‌କାର୍‌ଙ୍କର୍ ଧାରିଜ୍ ମାନ ଅନ୍‌ସାରେ ଧାନ୍ ମଣ୍ଡିକେ ଆନିକରି ଉପଯୁକ୍ତ ପାଉଣା ପାଏବାର୍‌କେ ବନ୍ଦୋବସ୍ତ କର୍‌ବାର୍ ଲାଗି ନିଷ୍ପତି ନିଆଯାଇଥିଲା ।

## ବୌଦ୍ଧ-ଧାନ୍‌କ୍ରୟ କମିଟି ବୈଠକ          ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାସ୍ତରୀୟ ଧାନ୍‌କ୍ରୟ କମିଟି ବୈଠକ୍ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟର୍ ସମ୍ମିଳନୀ କକ୍ଷ ନ ହେଇଯାଇଛେ । ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡାଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଇ ବୈଠକ୍‌ଥି ଚାଷୀମାନେ ଯେନ୍ତା କେନ୍‌ସି ସମସ୍ୟାର୍ ସମ୍ମୁଖୀନ୍ ନାଇଁ ହେବେ ସେଥିର୍‌ଲାଗି ବୈଠକ୍‌ଥି ଜୋର୍ ଦିଆଯାଇଛେ । ମିଲର୍‌ମାନେ ଧାନ୍ ଘିନାଥି ସହଯୋଗ୍ କର୍‌ବାର୍‌କେ ଜିଲ୍ଲାପାଲ୍ ପରାମର୍ଶ ଦେଇଥିଲେ ।

## ବୌଦ୍ଧ ମାଓ ସାମଗ୍ରୀ ଜବତ୍          ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଇଲାକାର୍ ବାହାବଲ୍‌ଖୋଲ୍ ସଂରକ୍ଷିତ୍ ଜଙ୍ଗଲ୍‌ନୁ ପୁଲିସ୍, ଏସ୍‌ଓଜି, ଡିଭିଏଫ୍ ଆର୍ ବୋମା ନିଷ୍କ୍ରିୟକାରୀ ଦଲ୍ ତର୍‌ଫୁ ଚଢ଼ଉ କରାଯାଇକରି ବହୁତ୍‌ଟେ ମାଓ ଦରବ୍ ଜବତ୍ କରାଯାଇଛେ । ଜଙ୍ଗଲ୍ ନ ମାଓ କେମ୍ପ୍ ବାବ୍‌ଦେ ପୁଲିସ୍‌କେ ସୂଚ୍‌ନା ମିଲ୍‌ବାର୍ ଉତ୍‌ରୁ ସେ ଇଲାକା ନ କମ୍ବିଂ ଅପରେସନ୍ କରାଯାଇଥିଲା । ଜବତ୍ ହେଇଥିବା ସାମାନ୍ ଭିତ୍‌ରେ ୭ ଟା ଡିଟୋନେଟର୍ ୱାକିଟକି, ସେଫ୍ଟିଫ୍ୟୁଜ୍ ରହିଛେ ।

ପ୍ରଥମାଷ୍ଟମୀ ପାଳନ୍      ଆର୍ଏନ୍ୟୁ/ କଟକ୍

ମଗ୍ଶିର୍ ମାସର୍ ଆଏଜ ଉଜଲ୍ପଖର୍ ଅଷ୍ଟମୀ ତିଥିଥି ରାଜ୍ୟର୍ ଭିନ୍ ଭିନ୍ ଇଲାକା ନ ପ୍ରଥମାଷ୍ଟମୀ ପାଲନ୍ କରାଯାଉଛେ । ଓଡ଼ିଶାର୍ ଇଟା ଗୁଟେ ପାରମ୍ପାରିକ୍ ପର୍ବ ଆଏ । ପରମ୍ପରା ଅନ୍ସାରେ ଇ ଦିନ ପରିବାର୍ର ବଡ଼ ପୁଓ, ଝିଅର୍ ସୁଖ ସମୃଦ୍ଧି ଆର୍ ଦୀର୍ଘଜୀବନ୍ ଲାଗି ପୂଜାବିଧି ହେଇଥିସି । ରାଜ୍ୟପାଲ୍ ରଘୁବର୍ ଦାସ ରାଜ୍ୟବାସୀଙ୍କୁ ପ୍ରଥମାଷ୍ଟମୀର ଶୁଭକାମନା ଜନେଇଛନ୍ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସାମାଜିକ୍ ଗଣମାଧ୍ୟମ୍ ଜରିଏ ରାଜ୍ୟବାସୀଙ୍କୁ ଅଭିନନ୍ଦନ୍ ଜନାବାର୍ ସହେତେ ପ୍ରଭୁ ଶ୍ରୀବଳଭଦ୍ରଙ୍କର୍ ଆର୍ଶିର୍ବାଦନୁ ସମସ୍ତଙ୍କର୍ ଜୀବନ୍ ସୁଖମୟ ହେଉ ବଲି କହିଛନ୍ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଭିଲ୍ ପ୍ରଥମାଷ୍ଟମୀ ଲାଗି ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ ।

ପ୍ରଥମାଷ୍ଟମୀ ଲାଗି ଆଏଜ୍ ପୁରୀ ଶ୍ରୀମନ୍ଦିର୍ ନ ଭୋଗମଣ୍ଡପ ନୀତି ସର୍ବାର୍ ଉତ୍ରୁ ତିନ୍ହି ବାଡ଼ ନ ମଇଲମ କରାଯାଇକରି ପୂଜାପଣ୍ଡା ସେବକ ମାନ୍କର୍ ତର୍ଫୁ ମହାସ୍ନାନ ନୀତି କରାଯାଇଛେ । ଇତାର୍ ଉତ୍ରୁ ପାଲିଆ ପୁଷ୍ପାଳକ ଶ୍ରୀବିଗ୍ରହମାନ୍କୁ ନୂଆଁ ଲୁଗା ଲାଗି କରେଇଥିବାର୍ ବେଲେ ପୂଜା ପଣ୍ଡା, ପତି ମହାପାତ୍ର, ମୁଦିରସ୍ତ ସେବକ, ଘଟୁଆରି ଚନ୍ଦନ ଘରନୁ ଚନ୍ଦନ ବିଜେ କରିକରି ତିନ୍ହି ବାଡ଼ଥି ଲାଗି କରିଛନ୍ । ଉପର୍ବେଲା ୩

ବଜେ ଶ୍ରୀବିଗ୍ରହମାନ୍‌କୁ ବେଶ ଆର୍ ଅଲଙ୍କାର୍‌ଥି ସଜେଇକରି କର୍ପୁରଲାଗି କରାଯାଇଥିଲା । ଇତାର୍‌ଉତାରୁ ମଧ୍ୟାହ୍ନ ଧୂପ ଉଠ୍‌ବାର୍ ଉତାରୁ ତିନ୍‌ହିବାଡ଼ ନ ମଙ୍ଗଳାଅର୍ପଣ ନୀତି ହେବାର୍‌ସହେତେ ଫୁଲୁପୁରିଆ ଖାଦି ଆଉ ଛେଦା ପ୍ରସାଦ୍ ଲାଗି ହେଇଛେ ।

ସର୍‌କାରୀ କାର୍ଯ୍ୟକ୍ରମ୍- ଦିବ୍ୟାଙ୍ଗ ଆର୍‌ଏନ୍‌ୟୁ /ସମ୍ବଲପୁର

ସବୁ ସର୍‌କାରୀ କାର୍ଯ୍ୟକ୍ରମ୍‌ଥି ଦିବ୍ୟାଙ୍ଗମାନ୍‌କର୍ ଲାଗି ହ୍ୱିଲ୍ ଚେୟାର୍‌ର ବ୍ୟବସ୍ଥା କରାଯିବା । ଇଥିର୍‌ଲାଗି ସାମାଜିକ ସୁରକ୍ଷା ଆଉ ଭିନ୍ନକ୍ଷମ ସଶକ୍ତିକରଣ୍ ବିଭାଗ୍ ତର୍‌ଫୁ ସବୁ ସର୍‌କାରୀ ବିଭାଗ୍‌କେ ଚିଠି ଲେଖାଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ସର୍‌କାର୍‌ଙ୍କର୍ ଭିନ୍ ଭିନ୍ ବିଭାଗ୍ ତର୍‌ଫୁ ସାମାଜିକ୍ ଆଉ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ମାନ୍ କରାଯାଉଛେ । ଇ କାର୍ଯ୍ୟକ୍ରମ୍‌ଥି ଭିନ୍ନକ୍ଷମ ମାନ୍‌କର୍ ଲାଗି ସ୍ୱତନ୍ତ୍ର ଭାବେ ସୁବିଧା ଯୁଗେଇ ଦେବାର୍ ପ୍ରାବଧାନ୍ ରହିଛେ ।

ବୌଦ୍ଧ ବିଦ୍ୟୁତ୍ କମିଟି ବୈଠକ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ଜିଲ୍ଲା ବିଦ୍ୟୁତ୍ କମିଟି ବୈଠକ୍ ହେଇଯାଇଛେ । ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡାଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଇ ବୈଠକ୍‌ଥି ଇ ବଛର୍ ବିଜୁ ଜ୍ୟୋତି ଯୋଜ୍‌ନାଥି ଶହେ ୫୮ ଟା ଗାଁ ଆର୍ ବସ୍ତିକେ ବିଦ୍ୟୁତ୍ କରଣ୍ କରାଯିବାର୍ ଲାଗି ଜୋର୍ ଦିଆଯାଇଥିଲା । ଅଙ୍ଗନବାଡ଼ି କେନ୍ଦ୍ରକେ ବିଦ୍ୟୁତ୍ ସଂଯୋଗ୍, କଂଟାମାଲ୍ ଠାନେ ନୂଆଁ ଗ୍ରୀଡ୍ ଥାପ୍‌ନା, ପିଏମ୍ ସୂର୍ଯ୍ୟଘର ମାହାଲିଆ ବିଜ୍‌ଲି ଯୋଜ୍‌ନା ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ବୈଠକ୍‌ଥି ଆଲୋଚନା କରାଯାଇଥିଲା । ଇ ବୈଠକ୍‌ଥି ସର୍‌କାରୀ ଦଲର୍ ମୁଖ୍ୟ ସଚେତକ୍ ସରୋଜ୍ କୁମାର୍ ପ୍ରଧାନ୍, କଂଟାମାଲ୍ ବିଧାୟକ୍ କହ୍ନେଇ ଚରଣ୍ ଡାଙ୍ଗ୍‌ଙ୍କର୍ ସହେତେ ବିଦ୍ୟୁତ୍ ବିଭାଗ୍ ଆର୍ ଟାଟା ପାୱାର୍ କମ୍ପାନୀର୍ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।